# NATIONAL NEWS BULLETIN (ODIA)

## 27 March - 2026

## Evening Bulletin : 7.15 p.m.

***********************************

## ମୁଖ୍ୟ ସମ୍ବାଦ

- ସଂସଦରେ ଆଜି ଗୃହିତ ହେଲା ଅର୍ଥ ବିଲ୍ ୨୦୨୬ ।

– ଅର୍ଥନୈତିକ ବ୍ୟବସ୍ଥାରେ ସୁଧାର ଆଣିବା ପାଇଁ ବିଲ୍‌ରେ ଧ୍ୟାନ କେନ୍ଦ୍ରୀତ କରାଯାଇଛି, ସୂଚନା ଦେଲେ ଅର୍ଥମନ୍ତ୍ରୀ ।

- ପ୍ରତିରକ୍ଷା ଅଧିଗ୍ରହଣ ପରିଷଦ ବୈଠକରେ ପ୍ରତିରକ୍ଷା କ୍ଷମତା ବୃଦ୍ଧି ନିମନ୍ତେ ୨ ଲକ୍ଷ ୩୮ ହଜାର କୋଟି ଟଙ୍କାର ପ୍ରସ୍ତାବ ଅନୁମୋଦିତ ।

- ପ୍ରଧାନମନ୍ତ୍ରୀ ଆସନ୍ତାକାଲି ନଏଡ଼ା ଆନ୍ତର୍ଜାତିକ ବିମାନ ବନ୍ଦରର ପ୍ରଥମ ପର୍ଯ୍ୟାୟ କରିବେ ଉଦ୍‌ଘାଟନ ।

- ଭାରତରେ ବେରୋଜଗାର ହାର ୨୦୨୫ ମସିହାରେ ୬ ଦଶମିକ୍ ୫ ପ୍ରତିଶତକୁ ହ୍ରାସ ।

ଏବଂ

- ଏସିଆ କପ୍ ଓ୍ୱାର୍ଲ୍ଡ ର୍‌ୟାଙ୍କିଙ୍ଗ୍ ତୀର ଚାଳନା ପ୍ରତିଯୋଗିତାରେ ଭାରତର ୧୦ଟି ପଦକ ହାସଲ ।

# ଆର୍‌ଏସ୍‌-ଫାଇନାନ୍ସ ବିଲ୍ ୨୦୨୬

ରାଜ୍ୟସଭାରୁ ଆଜି ଅର୍ଥବିଲ୍ ୨୦୨୬ ଏବଂ ବ୍ୟୟ ମଞ୍ଜୁରୀ ବିଲ୍ (ସଂଖ୍ୟା-୨) ୨୦୨୬ ବିଚାର ଆଲୋଚନା ହୋଇ ଫେରିବା ପରେ ସଂସଦରେ ତାହା ଗୃହିତ ହୋଇଛି । ଲୋକସଭାରେ ଏହା ପୂର୍ବରୁ ଗୃହିତ ହୋଇଥିଲା । ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ କେନ୍ଦ୍ର ସରକାରଙ୍କ ଆର୍ଥିକ ପ୍ରସ୍ତାବଗୁଡ଼ିକୁ କାର୍ଯ୍ୟକାରୀ କରିବା ଲାଗି ଅର୍ଥ ବିଲ୍‌ରେ ବ୍ୟବସ୍ଥା ରହିଛି । କେନ୍ଦ୍ର ଅର୍ଥ ରାଷ୍ଟ୍ରମନ୍ତ୍ରୀ ପଙ୍କଜ ଚୌଧୁରୀ ଆଜି ଗୃହରେ ଏହି ବିଲ୍ ଆଗତ କରିଥିଲେ । ଆଲୋଚନାରେ ଉତ୍ତର ଦେଇ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ କହିଛନ୍ତି, ଅର୍ଥନୈତିକ ବ୍ୟବସ୍ଥାରେ ସୁଧାର ପ୍ରତି ଧ୍ୟାନ ଦେଇ ଅର୍ଥ ବିଲ୍ ପ୍ରସ୍ତୁତ କରାଯାଇଛି । ଏଥିରେ ଅର୍ଥ ସଂକ୍ରାନ୍ତ ମାର୍ଗଦର୍ଶନ ପ୍ରଦାନ କରାଯାଇଛି । ଶ୍ରୀମତୀ ସୀତାରମଣ କହିଛନ୍ତି, ମୁକ୍ତ ଅର୍ଥ ବ୍ୟବସ୍ଥା ଦ୍ୱାରା ଦେଶର ସମସ୍ତ ବର୍ଗର ଲୋକମାନେ ଲାଭବାନ ହେବେ ।

ଆଲୋଚନାରେ ଭାଗ ନେଇ କଂଗ୍ରେସ ସାଂସଦ ଶକ୍ତିସିଂହ ଗୋହିଲ କହିଛନ୍ତି, ଦେଶର କର ବ୍ୟବସ୍ଥାରେ କୌଣସି ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ କରାଯାଇନାହିଁ । ବଜେଟ୍ ସର୍ବୋପରି ମଧ୍ୟବିତ୍ତ ଶ୍ରେଣୀର ଲୋକମାନଙ୍କୁ ଉପକୃତ କରିପାରିବ ନାହିଁ ବୋଲି ସେ କହିଛନ୍ତି ।

# ଡିଏସି

ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହଙ୍କ ଅଧ୍ୟକ୍ଷତାରେ ଆଜି ଅନୁଷ୍ଠିତ ପ୍ରତିରକ୍ଷା ଅଧିଗ୍ରହଣ ପରିଷଦ ବୈଠକରେ ପ୍ରତିରକ୍ଷା କ୍ଷମତା ବୃଦ୍ଧି ନିମନ୍ତେ ଦୁଇ ଲକ୍ଷ ୩୮ ହଜାର କୋଟି ଟଙ୍କାର ପ୍ରସ୍ତାବକୁ ଅନୁମୋଦନ କରାଯାଇଛି । ପ୍ରତିରକ୍ଷା ମନ୍ତ୍ରୀ କହିଛନ୍ତି, ଏହି ଅନୁମୋଦନ ଦ୍ୱାରା ଭାରତୀୟ ସେନାର ଆକାଶମାର୍ଗ ପ୍ରତିରକ୍ଷା ଅନୁଧ୍ୟାନ ବ୍ୟବସ୍ଥା, ଟ୍ୟାଙ୍କ୍ ଅସ୍ତ୍ରଶସ୍ତ୍ର, ଉଚ୍ଚ କ୍ଷମତା ସମ୍ପନ୍ନ ରେଡିଓ ରିଲେ, ଧନୁଷ ଗନ୍ ବ୍ୟବସ୍ଥା, ରନ୍‌ୱେ ମୁକ୍ତ ଆକାଶମାର୍ଗ ସର୍ଭେକ୍ଷଣ ବ୍ୟବସ୍ଥା କାର୍ଯ୍ୟକାରୀ କରାଯାଇପାରିବ । ଭାରତୀୟ ବାୟୁସେନା ପାଇଁ ମଧ୍ୟମ ପରିବହନ ଏୟାର୍‌କ୍ରାଫ୍ଟ, ଏସ୍-୪୦୦ ଦୂରଗାମୀ ଭୂପୃଷ୍ଠରୁ ଆକାଶମାର୍ଗକୁ ନିକ୍ଷେପଣ କରାଯାଉଥିବା କ୍ଷେପଣାସ୍ତ୍ର କ୍ରୟ କରାଯିବା ପାଇଁ ବୈଠକରେ ଅନୁମୋଦନ କରାଯାଇଛି ।

ସେହିପରି ଭାରତୀୟ ତଟରକ୍ଷୀ ବାହିନୀ ପାଇଁ ହେବି ଡ୍ୟୁଟି ଏୟାର୍ କୁସନ୍ ଯାନ କ୍ରୟ କରିବା ଲାଗି ଅନୁମୋଦନ ମିଳିଛି । ଏହି ଯାନ ସମୁଦ୍ର ତଟବର୍ତ୍ତୀ ଅଞ୍ଚଳରେ ବହୁମୁଖୀ କାର୍ଯ୍ୟରେ ନିୟୋଜିତ କରାଯିବ । ପ୍ରତିରକ୍ଷା ଅଧିଗ୍ରହଣ ପରିଷଦରେ ମଧ୍ୟ ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ୬ ଲକ୍ଷ ୭୩ ହଜାର କୋଟି ମୂଲ୍ୟର ୫୫ଟି ପ୍ରସ୍ତାବକୁ ଅନୁମୋଦନ କରାଯାଇଛି । ଚଳିତ ଆର୍ଥିକ ବର୍ଷରେ ୨ ଲକ୍ଷ ୨୮ ହଜାର କୋଟି ଟଙ୍କା

ମୂଲ୍ୟର ୫୦୩ଟି ପ୍ରସ୍ତାବ ସ୍ୱାକ୍ଷରିତ ହୋଇଛି ବୋଲି ରାଜନାଥ ସିଂହ ସୂଚନା ଦେଇଛନ୍ତି ।

## ପିଏମ୍-ଏୟାର୍‌ପୋର୍ଟ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତାକାଲି ଉତ୍ତର ପ୍ରଦେଶର ଜେଓ୍ୱାର୍ ଠାରେ ନଏଡ଼ା ଆନ୍ତର୍ଜାତିକ ବିମାନ ବନ୍ଦର ପ୍ରଥମ ପର୍ଯ୍ୟାୟ ଉଦ୍‌ଘାଟନ କରିବେ । ଏହି ବିମାନ ବନ୍ଦର ୧୧ ହଜାର ୨୦୦ କୋଟି ଟଙ୍କା ବ୍ୟୟ ମୂଲ୍ୟରେ ବିକଶିତ କରାଯାଇଛି । ଏହି ବିମାନ ବନ୍ଦର ବାଣିଜ୍ୟ ଏବଂ ଯୋଗାଯୋଗ ନେଟ୍‌ଓ୍ୱର୍କକୁ ତ୍ୱରାନ୍ୱିତ କରିବ ଏବଂ ଦିଲ୍ଲୀ ଇନ୍ଦିରା ଗାନ୍ଧୀ ଆନ୍ତର୍ଜାତିକ ବିମାନ ବନ୍ଦରରେ ଭିଡ଼ ହ୍ରାସ କରିବ । ନଏଡ଼ା ବିମାନ ବନ୍ଦର ହେଉଛି ଦେଶର ପ୍ରମୁଖ ଗ୍ରୀନ୍‌ଫିଲ୍ଡ ପ୍ରକଳ୍ପ ମଧ୍ୟରୁ ଅନ୍ୟତମ । ପ୍ରଧାନମନ୍ତ୍ରୀ ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି କହିଛନ୍ତି, ଏହି ବିମାନ ବନ୍ଦର ଯାତ୍ରୀମାନଙ୍କୁ ସେବା ଯୋଗାଇଦେବା ସହ ପରିବହନ ବ୍ୟବସ୍ଥା ତ୍ୱରାନ୍ୱିତ କରିବାରେ ସହାୟକ ହେବ ।

# ଆର୍‌ଏସ୍‌-ବିଆଇଏମ୍‌ଡି ସ୍କିମ୍ ଆକାଶବାଣୀ

କେନ୍ଦ୍ର ସରକାର ବ୍ରଡ୍‌କାଷ୍ଟିଂ ଭିତ୍ତିଭୂମି ଏବଂ ନେଟ୍‌ୱାର୍କ ବିକାଶ ବି.ଆଇ.ଏନ୍.ଡି. ଯୋଜନା ଅଧୀନରେ ୬୮ଟି ଟ୍ରାନ୍ସମିଟରକୁ ମଞ୍ଜୁରୀ ପ୍ରଦାନ କରିଛନ୍ତି । ଏହାଦ୍ୱାରା ଆକାଶବାଣୀ ନେଟ୍‌ୱାର୍କ ପରିସୀମା ୮୧ ପ୍ରତିଶତକୁ ବୃଦ୍ଧି ପାଇବ । ୨୦୨୧ ମସିହାରେ ଏହି ପରିସୀମା ୭୦ ପ୍ରତିଶତ ଥିଲା । ଦେଶରେ ଦୂରଦର୍ଶନ ଏବଂ ଆକାଶବାଣୀ ବିକାଶ, ଆଧୁନିକୀକରଣ ଏବଂ ବ୍ରଡ୍‌କାଷ୍ଟିଂ ଭିତ୍ତିଭୂମିର ଉନ୍ନତିକରଣ ନିମନ୍ତେ ଏହି କେନ୍ଦ୍ରୀୟ ଯୋଜନା ଉଦ୍ଦିଷ୍ଟ । ରାଜ୍ୟସଭାରେ ଆଜି ଏକ ପ୍ରଶ୍ନର ଲିଖିତ ଉତ୍ତର ଦେଇ ସୂଚନା ଓ ପ୍ରସାରଣ ରାଷ୍ଟ୍ରମନ୍ତ୍ରୀ ଡକ୍ଟର ଏଲ୍. ମୁରୁଗାନ୍ କହିଛନ୍ତି, ବି.ଆଇ.ଏନ୍.ଡି. ଯୋଜନା ୨୦୨୧-୨୬ ମସିହା ପାଇଁ ୨ହଜାର ୫୩୯ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ବ୍ୟୟବରାଦରେ ଅନୁମୋଦିତ ହୋଇଛି ।  ଡକ୍ଟର ମୁରୁଗାନ କହିଛନ୍ତି, ଦିଲ୍ଲୀ, ଚେନ୍ନାଇ ଏବଂ ମୁମ୍ବାଇ ତିନୋଟି ମେଟ୍ରୋ ସହରରେ ମିଡିୟମ୍ ୱେଭ୍ ବ୍ୟାଣ୍ଡ ଦେଇ ଡିଜିଟାଲ୍ ବ୍ରଡ୍‌କାଷ୍ଟିଂ ବ୍ୟବସ୍ଥା ଆକାଶବାଣୀ ଆରମ୍ଭ କରିଛି ।  ଆକାଶବାଣୀରେ ୨୬୦ଟି ଚ୍ୟାନେଲ୍ ଉପଲବ୍ଧ ହେବା ସହ ନ୍ୟୁଜ୍ ଅନ୍ ଏ.ଆଇ.ଆର୍. ଆପ୍ ମାଧ୍ୟମରେ ବିଶ୍ୱର ଯେକୌଣସି ଭାଗ ସହିତ ଯୋଗାଯୋଗ ସ୍ଥାପନ କରାଯାଇପାରିବ ବୋଲି ଶ୍ରୀ ମୁରୁଗାନ୍ କହିଛନ୍ତି ।

## ଅନ୍‌ଏମ୍ପ୍ଲିଏମେଣ୍ଟ୍ ରେଟ୍-ପିଏଲ୍‌ପିଏସ୍

ଭାରତରେ ବେରୋଜଗାର ହାର ୨୦୨୪ ମସିହାରେ ୭ ପ୍ରତିଶତ ଥିବା ବେଳେ ୨୦୨୫ ମସିହାରେ ଏହା ୬ ଦଶମିକ୍ ୫ ପ୍ରତିଶତକୁ ହ୍ରାସ ପାଇଛି । ୧୫ ବର୍ଷ ଏବଂ ତାଠାରୁ ଊର୍ଦ୍ଧ୍ୱ ଶିକ୍ଷିତ ଶ୍ରେଣୀ ବର୍ଗକୁ ନେଇ ଏହି ସଂଖ୍ୟା ଆକଳନ କରାଯାଇଛି । ଶ୍ରମିକ ବଳ ସର୍ବେକ୍ଷଣର ବାର୍ଷିକ ରିପୋର୍ଟ୍ ୨୦୨୫, ଶ୍ରମିକ ସଂଖ୍ୟା ଅନୁପାତ ୨୦୨୪ ମସିହା ତୁଳନାରେ ୨୦୨୫ ମସିହାରେ ସ୍ଥିର ରହିଛି । ଏହା ପରିସଂଖ୍ୟାନ ଏବଂ କାର୍ଯ୍ୟକ୍ରମ କାର୍ଯ୍ୟାନ୍ୱୟନ ମନ୍ତ୍ରଣାଳୟ ପକ୍ଷରୁ ପ୍ରକାଶିତ ରିପୋର୍ଟରୁ ସୂଚନା ମିଳିଛି ।

## ଜୟଶଙ୍କର-ନେପାଳ

ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କର ନେପାଳର ବୈଦେଶିକ ବ୍ୟାପାର ମନ୍ତ୍ରୀ ଭାବେ ଶିଶିର ଖାନାଲ ଦାୟିତ୍ୱ ଗ୍ରହଣ କରିଥିବାରୁ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ଡକ୍ଟର ଜୟଶଙ୍କର କହିଛନ୍ତି, ଦୁଇ ଦେଶ ମଧ୍ୟରେ ପାରମ୍ପରିକ ଭାଗିଦାରିତା ସମ୍ପର୍କକୁ ଅଧିକ ସୁଦୃଢ଼ କରିବା ନେଇ ସେ କାର୍ଯ୍ୟ କରିବେ ।

## ଗୋୟଲ୍-ଚାଇନିଜ୍ ମିନିଷ୍ଟର୍

ବାଣିଜ୍ୟ ଏବଂ ଶିଳ୍ପ ମନ୍ତ୍ରୀ ପୀୟୂଷ ଗୋୟଲ ଆଜି ଚୀନ୍‌ର ବାଣିଜ୍ୟ ମନ୍ତ୍ରୀ ୱାଙ୍ଗ୍ ୱାଣ୍ଟାଓଙ୍କ ସହ ସାକ୍ଷାତ ଆଲୋଚନା କରିଛନ୍ତି । କାମେରୁନ୍‌ଠାରେ ବିଶ୍ୱ ବାଣିଜ୍ୟ ସଂଗଠନର ଚତୁର୍ଦ୍ଦଶ ମନ୍ତ୍ରୀ ସ୍ତରୀୟ ସମ୍ମିଳନୀ ଚାଲିଥିବା ବେଳେ ଏହି ସାକ୍ଷାତ ଆଲୋଚନା ହୋଇଛି । ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ଶ୍ରୀ ଗୋୟଲ କହିଛନ୍ତି, ଉଭୟ ଚତୁର୍ଦ୍ଦଶ ମନ୍ତ୍ରୀ ସ୍ତରୀୟ ସମ୍ମିଳନୀର କାର୍ଯ୍ୟସୂଚୀ ଏବଂ ଦ୍ୱିପାକ୍ଷିକ ବାଣିଜ୍ୟ ସମ୍ପର୍କ ନେଇ ଆଲୋଚନା କରିଛନ୍ତି ।

## ୱେଷ୍ଟ ଏସିଆ-ଡେଲି ବ୍ରିଫ୍

କେନ୍ଦ୍ର ସରକାର ପଶ୍ଚିମ ଏସିଆରେ ସଂକଟଜନକ ପରିସ୍ଥିତିକୁ ଦୃଷ୍ଟିରେ ରଖି ଘରୋଇ ବ୍ୟବହାର ନିମନ୍ତେ ଉଦ୍ଦିଷ୍ଟ ପେଟ୍ରୋଲ୍ ଓ ଡିଜେଲ୍ ଉପରେ ଉତ୍ପାଦ ଶୁଳ୍କ ହ୍ରାସ କରିଛନ୍ତି । ଉଭୟ ପେଟ୍ରୋଲ୍ ଏବଂ ଡିଜେଲ୍ ଲିଟର ପିଛା ୧୦ ଟଙ୍କା ହ୍ରାସ କରାଯାଇଛି । ପେଟ୍ରୋଲ୍-ଡିଜେଲ୍ ମୂଲ୍ୟ ବୃଦ୍ଧି ପ୍ରଭାବରୁ ଦେଶର ଉପଭୋକ୍ତାମାନଙ୍କୁ ସୁରକ୍ଷା ପ୍ରଦାନ ସୁନିଶ୍ଚିତ କରିବା ନିମନ୍ତେ ସରକାରଙ୍କ ପକ୍ଷରୁ ଏଭଳି ପଦକ୍ଷେପ ଗ୍ରହଣ କରାଯାଇଛି ।

ପେଟ୍ରୋଲିୟମ୍ ଏବଂ ପ୍ରାକୃତିକ ଗ୍ୟାସ୍ ମନ୍ତ୍ରଣାଳୟ ଯୁଗ୍ମ ସଚିବ ସୁଜାତା ଶର୍ମା କହିଛନ୍ତି, ଭାରତ ନିକଟରେ ସମ୍ପ୍ରତି ପର୍ଯ୍ୟାପ୍ତ ପରିମାଣର ଅଶୋଧିତ ତୈଳ ମହଜୁଦ ରହିଛି । ଆଗାମୀ ୨ ମାସ ପାଇଁ ଉପଭୋକ୍ତାମାନଙ୍କୁ ଯୋଗାଣ ବାଧାପ୍ରାପ୍ତ ହେବ ନାହିଁ ବୋଲି ସୂଚନା ଦିଆଯାଇଛି । ସେହିପରି ଏଲ୍.ପି.ଜି. ଏବଂ ପି.ଏନ୍.ଜି. ମଧ୍ୟ ପର୍ଯ୍ୟାପ୍ତ ପରିମାଣର ମହଜୁଦ ରହିଛି । ବାଣିଜ୍ୟିକ ଏଲ୍.ପି.ଜି. ଯୋଗାଣ ପରିମାଣ ବର୍ତ୍ତମାନ ୭୦ ପ୍ରତିଶତକୁ ବୃଦ୍ଧି କରାଯାଇଛି ବୋଲି ସଚିବ ଶ୍ରୀମତୀ ଶର୍ମା ସୂଚନା ଦେଇଛନ୍ତି ।

ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟର ମୁଖପାତ୍ର ରଣଧୀର ଜୟସ୍ୱାଲ କହିଛନ୍ତି, ବିଶ୍ୱ ଅଂଶିଦାରମାନଙ୍କ ସହ ଭାରତର ଆଲୋଚନା ଜାରି ରହିଛି । ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କର ଜି-୭ ବୈଦେଶିକ ମନ୍ତ୍ରୀମାନଙ୍କ ବୈଠକରେ ଯୋଗଦେବା ଲାଗି ଏବେ ଫ୍ରାନ୍ସ ଗସ୍ତରେ ଅଛନ୍ତି । ସେ କହିଛନ୍ତି, ଜି-୭ ବୈଦେଶିକ ମନ୍ତ୍ରୀମାନଙ୍କ ବୈଠକରେ ଡକ୍ଟର ଜୟଶଙ୍କର ଗ୍ଲୋବାଲ୍ ସାଉଥ୍‌ରେ ମୁଖ୍ୟତଃ ଶକ୍ତି ଆହ୍ୱାନ, ସାର ଯୋଗାଣ, ଖାଦ୍ୟ ସୁରକ୍ଷା ଉପରେ ଗୁରୁତ୍ୱ ପ୍ରଦାନ କରିଛନ୍ତି । ପଶ୍ଚିମ ଏସିଆରେ ସୃଷ୍ଟି ହୋଇଥିବା ସଂକଟଜନକ ପରିସ୍ଥିତି ସମ୍ପର୍କରେ ମଧ୍ୟ ସେ ତାଙ୍କର ମତ ଉପସ୍ଥାପନ କରିଥିଲେ । ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟର ଅତିରିକ୍ତ ସଚିବ ଅଶିମ୍ ଆର୍. ମହାଜନ କହିଛନ୍ତି, ସରକାର ଉପସାଗରୀୟ ଏବଂ ପଶ୍ଚିମ ଏସିଆ ପରିସ୍ଥିତି ପ୍ରତି ନିରନ୍ତର ଅନୁଧ୍ୟାନ କରୁଛନ୍ତି । ଏହିସବୁ ଅଞ୍ଚଳରେ ଭାରତୀୟ ସମୁଦାୟମାନଙ୍କ

ସୁରକ୍ଷା ଏବଂ କଲ୍ୟାଣକୁ ସରକାର ପ୍ରାଥମିକତା ପ୍ରଦାନ କରୁଛନ୍ତି ବୋଲି ଶ୍ରୀ ମହାଜନ କହିଛନ୍ତି ।

## ଆର୍‌ଚେରୀ

ବ୍ୟାଙ୍ଗ୍‌କକ୍ ଠାରେ ଆଜି ଏସିଆ କପ୍ ଓ୍ୱାର୍ଲ୍ଡ ର୍ୟାଙ୍କିଙ୍ଗ୍ ପ୍ରଥମ ପର୍ଯ୍ୟାୟ ପ୍ରତିଯୋଗିତାରେ ଭାରତ ତୀର ଚାଳନାରେ ୧୦ଟି ପଦକ ହାସଲ କରିଛି । ତନ୍ମଧ୍ୟରୁ ଭାରତ ଦୁଇଟି ସ୍ୱର୍ଣ୍ଣ, ୪ଟି ରୌପ୍ୟ ଏବଂ ୪ଟି କାଂସ୍ୟ ପଦକ ଲାଭ କରିଛି । ଭାରତର ଉଦୟ କାମ୍ବୋଜ' ପ୍ରଥମେଶ୍ ଜୟକର୍‌ଙ୍କୁ ୧୪୫-୧୪୪ ପଏଣ୍ଟରେ ହରାଇ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି । ସେହିପରି ରଜତ ଚୌହାନ କାଂସ୍ୟ ପଦକ ହାସଲ କରିଛନ୍ତି । ଚୌହାନ ଏବଂ ଚିକିତା ତନିପର୍ଥିଙ୍କ ଯୋଡ଼ି ମାଲେସିଆର ଖେଳାଳିଙ୍କୁ ୧୫୮-୧୫୬ ପଏଣ୍ଟରେ ପରାସ୍ତ କରି ସ୍ୱର୍ଣ୍ଣପଦକ ହାସଲ କରିଛନ୍ତି ।